# NATIONAL NEWS BULLETIN (ODIA)

## 15 May - 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଆଜିଠାରୁ ପଞ୍ଚରାଷ୍ଟ୍ରୀୟ ଗସ୍ତରେ ଯିବେ ।

- ବ୍ରିକ୍ସ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ସହ ଆର୍ଥିକ ସ୍ଥିରତା ବୃଦ୍ଧି କରିବା କ୍ଷେତ୍ରରେ କାର୍ଯ୍ୟ କରିବ, କହିଲେ ପ୍ରଧାନମନ୍ତ୍ରୀ ।

- ନିଟ୍-ୟୁ.ଜି. ପରୀକ୍ଷାର ଆୟୋଜନ ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ।

- ଉତ୍ତରପ୍ରଦେଶରେ ବର୍ଷା ଓ ବଜ୍ରପାତ ଯୋଗୁଁ ମୃତ୍ୟୁ ସଂଖ୍ୟା ୧୧୧କୁ ବୃଦ୍ଧି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ପଞ୍ଜାବ କିଙ୍ଗସ୍‌କୁ ୬ ୱିକେଟ୍‌ରେ ପରାସ୍ତ କଲା ମୁମ୍ବାଇ ଇଣ୍ଡିଆନ୍ସ ।

# ପିଏମ୍-ୟୁଏଇ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ପଞ୍ଚରାଷ୍ଟ୍ରୀୟ ଗସ୍ତରେ ଯିବେ । ପ୍ରଥମ ପର୍ଯ୍ୟାୟରେ ସଂଯୁକ୍ତ ଆରବ ଏମିରେଟ୍ସ-ୟୁଏଇକୁ ଗସ୍ତ କରିବେ । ସେଠାରେ ଆଜି ଶ୍ରୀ ମୋଦୀ ୟୁଏଇ ରାଷ୍ଟ୍ରପତି ସେଖ୍ ମହମ୍ମଦ ବିନ୍ ଜାଏଦ୍ ଆଲ୍ ନାହ୍ୟାନଙ୍କ ସହିତ ସାକ୍ଷାତ୍ ଆଲୋଚନା କରିବେ । ଭାରତ ଓ ୟୁଏଇ ମଧ୍ୟରେ ଶକ୍ତି କ୍ଷେତ୍ରରେ ସହଯୋଗ ସମେତ ବିଭିନ୍ନ ଦ୍ୱିପକ୍ଷୀୟ ପ୍ରସଙ୍ଗ ଏବଂ ବୈଶ୍ୱିକ ସ୍ୱାର୍ଥଜଡ଼ିତ ଆଞ୍ଚଳିକ ଓ ଆନ୍ତର୍ଜାତିକ ସମସ୍ୟା ସମ୍ପର୍କରେ ଉଭୟ ନେତା ମତ ବିନିମୟ କରିବେ ।

ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଆଜି ନେଦରଲାଣ୍ଡ୍ସରେ ଗସ୍ତ କରିବେ । ସେଠାରେ ରାଜା ୱିଲେମ୍ ଆଲେକଜାଣ୍ଡର ଏବଂ ରାଣୀ ମାକ୍ସିମାଙ୍କୁ ଭେଟିବା ସହ ପ୍ରଧାନମନ୍ତ୍ରୀ ରବ୍ ଜେଟେନ୍‌ଙ୍କ ସହିତ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ତୃତୀୟ ପର୍ଯ୍ୟାୟରେ ଶ୍ରୀ ମୋଦୀ ରବିବାର ଦିନ ସ୍ୱିଡେନ୍‌ର ଗୋଥେନ୍‌ବର୍ଗ ଗସ୍ତ କରିବେ । ତାଙ୍କର ସ୍ୱିଡେନ୍ ପ୍ରତିପକ୍ଷ ଉଲଫ୍ କ୍ରିଷ୍ଟରସନ୍‌ଙ୍କ ସହ ଆଲୋଚନା କରି ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗଗୁଡ଼ିକର ସେ ସମୀକ୍ଷା କରିବେ ।

ଚତୁର୍ଥ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ସୋମବାର ଦିନ ତୃତୀୟ ଭାରତ–ନୋର୍ଡିକ୍ ଶିଖର ସମ୍ମିଳନୀ ଏବଂ ଦ୍ୱିପାକ୍ଷିକ ଆଲୋଚନା ପାଇଁ ନରୱେରେ ପହଞ୍ଚିବେ ।

ଗସ୍ତର ଶେଷ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ମଙ୍ଗଳବାର ଦିନ ଇଟାଲୀ ଯିବାର କାର୍ଯ୍ୟସୂଚୀ ରହିଛି ।

ଗତକାଲି ପ୍ରଧାନମନ୍ତ୍ରୀଙ୍କ ଗସ୍ତ ବିଷୟରେ ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଅସିମ୍ ମହାଜନ କହିଛନ୍ତି, ୟୁ.ଏ.ଇ. ଏବଂ ଭାରତ ମଧ୍ୟରେ ଶକ୍ତି କ୍ଷେତ୍ର ମୁଖ୍ୟ ପ୍ରସଙ୍ଗ ହୋଇ ରହିଛି । ଗତବର୍ଷ ୟୁ.ଏ.ଇ. ଭାରତ ପାଇଁ ଅଶୋଧିତ ତୈଳର ଚତୁର୍ଥ ବୃହତ ଉତ୍ସ ଥିଲା, ଯାହା ଭାରତର ୧୧ ପ୍ରତିଶତ ତୈଳ ଆବଶ୍ୟକତାକୁ ପୂରଣ କରିଥିଲା ।

# ବ୍ରିକ୍ସ ଏଫ୍ଏମ୍ ମିଟିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଚଳିତ ବର୍ଷ ଭାରତ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା ବ୍ରିକ୍ସ’ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା, ଆର୍ଥିକ ସ୍ଥିରତା ବୃଦ୍ଧି କରିବା ଏବଂ ଅନ୍ତର୍ଭୁକ୍ତି ମୂଳକ ବିଶ୍ୱ ବ୍ୟବସ୍ଥା ଗଠନ କରିବା ପାଇଁ ଅନ୍ୟ ରାଷ୍ଟ୍ରମାନଙ୍କ ସହ କାର୍ଯ୍ୟ କରିବ। ନୂଆଦିଲ୍ଲୀରେ ବ୍ରିକ୍ସ ଦେଶଗୁଡ଼ିକର ବୈଦେଶିକ ମନ୍ତ୍ରୀ ଏବଂ

ପ୍ରତିନିଧିମଣ୍ଡଳର ମୁଖ୍ୟଙ୍କ ସହ ଆଲୋଚନା କରି ଶ୍ରୀ ମୋଦୀ କହିଛନ୍ତି, ଗତିଶୀଳ ଅର୍ଥନୀତି ମଧ୍ୟରେ ସହଯୋଗ ବୃଦ୍ଧି କରିବା ଏବଂ ଗ୍ଲୋବାଲ୍ ସାଉଥ୍‌ର ଆବଶ୍ୟକତାକୁ ଦୃଢ଼ କରିବା ପାଇଁ ବ୍ରିକ୍ସ ପ୍ରମୁଖ ମଞ୍ଚ ସାବ୍ୟସ୍ତ ହୋଇଛି ।

ବ୍ରିକ୍ସ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ଭାରତର  ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ଶାନ୍ତି ଏବଂ ସୁରକ୍ଷା ବିଶ୍ୱର ମୁଖ୍ୟ ଆଲୋଚ୍ୟ ବିଷୟ ପାଲଟିଛି । ସେ କହିଛନ୍ତି, ବିଶ୍ୱରେ ଦେଖାଦେଇଥିବା ସଂଘର୍ଷମୟ ପରିସ୍ଥିତି କ୍ଷେତ୍ରରେ ଆଲୋଚନା ଏବଂ କୂଟନୀତି ଉପରେ ଗୁରୁତ୍ୱ ଦିଆଯାଉଛି । ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ହେଉଥିବା ଅଗ୍ରଗତି ବିଶ୍ୱକୁ ନୂତନ ଆକାର ଦେଇଛି ଏବଂ ଏହାକୁ ସୁଶାସନ ଓ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ପାଇଁ ବ୍ୟବହାର କରାଯାଇପାରିବ ବୋଲି ସେ କହିଛନ୍ତି ।

ଡକ୍ଟର ଜୟଶଙ୍କର କହିଛନ୍ତି, ଆତଙ୍କବାଦ ବିରୋଧରେ ସହଯୋଗକୁ ସୁଦୃଢ଼ କରିବା କ୍ଷେତ୍ରରେ ମଧ୍ୟ ଦେଶଗୁଡ଼ିକ ମଧ୍ୟରେ ଏକମତ ପ୍ରକାଶ ପାଇଛି । ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ଜଳବାୟୁ କ୍ଷେତ୍ରରେ ହୋଇଥିବା ଦ୍ୱନ୍ଦ୍ୱ, ଆର୍ଥିକ ଅନିଶ୍ଚିତତା ଏବଂ ଆହ୍ୱାନଗୁଡ଼ିକର ମୁକାବିଲଶ ପାଇଁ ବ୍ରିକ୍ସ ପ୍ରମୁଖ ଭୂମିକା ଗ୍ରହଣ କରିବା ନେଇ ଆଶା ପ୍ରକାଶ ପାଇଛି । ଡକ୍ଟର ଜୟଶଙ୍କର କହିଛନ୍ତି, ବିଶ୍ୱର ଅନେକ ଦେଶ ଶକ୍ତି,

ଖାଦ୍ୟ, ସାର ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ସହିତ ଜଡିତ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି ।

ଏହି ବୈଠକରେ ବ୍ରାଜିଲ, ରୁଷ, ଇରାନ, ଇଣ୍ଡୋନେସିଆ, ମାଲେସିଆ, ୟୁଏଇ ଓ ଦକ୍ଷିଣ ଆଫ୍ରିକାର ବୈଦେଶିକ ମନ୍ତ୍ରୀ ଯୋଗ ଦେଉଛନ୍ତି । ବୈଠକରେ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ବୈଦେଶିକ ମନ୍ତ୍ରୀମାନେ ବିଶ୍ୱ ଏବଂ ଆଞ୍ଚଳିକ ପ୍ରସଙ୍ଗ ଉପରେ ମତ ବିନିମୟ କରିବେ ।

ଚଳିତ ବ୍ରିକ୍ସ ବୈଠକର ବିଷୟବସ୍ତୁ ହେଉଛି – ସ୍ଥିରତା, ନବସୃଜନ, ସହଯୋଗ ଏବଂ ସ୍ଥାୟୀତ୍ୱ ପାଇଁ ପଦକ୍ଷେପ ।

# ପ୍ରଧାନ-ନିଟ୍ ମିଟିଂ

ପରବର୍ତ୍ତୀ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା – ନିଟ୍-ୟୁଜି ନିମନ୍ତେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାସଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନିଟ୍ ପରୀକ୍ଷାକୁ ଦକ୍ଷତାର ସହିତ ପରିଚାଳନା କରିବା ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି । ବୈଠକରେ ଉଚ୍ଚଶିକ୍ଷା ସଚିବ, ସ୍କୁଲ ଶିକ୍ଷା ସଚିବ, ଜାତୀୟ ପରୀକ୍ଷା ଏଜେନ୍ସି - ଏନ୍.ଟି.ଏ.ର ମହାନିର୍ଦ୍ଦେଶକ, ସି.ବି.ଏସ୍.ଇ.ର ଅଧ୍ୟକ୍ଷ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏବଂ

ନବୋଦୟ ବିଦ୍ୟାଳୟ ସମିତିର କମିଶନରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୟୁପି-ୱେଦର ଡେଥ୍

ଉତ୍ତର ପ୍ରଦେଶରେ ଗତ ୩୬ ଘଣ୍ଟା ମଧ୍ୟରେ ବର୍ଷା, ଝଡ଼ ଏବଂ ବଜ୍ରପାତ ଯୋଗୁଁ ୧୧୧ ଜଣଙ୍କର ମୃତ୍ୟୁ ଘଟିଛି । ଏଥିରେ ୨୦୦ ଜଣ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କୁ ତୁରନ୍ତ ଘଟଣାସ୍ଥଳକୁ ଯାଇ କ୍ଷତି ଆକଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ତିନି ଘଣ୍ଟାରେ ଘଟଣା ସମ୍ପର୍କରେ ତଥ୍ୟ ପ୍ରଦାନ ଲାଗି ଅଧିକାରୀମାନଙ୍କୁ କୁହାଯାଇଛି ।

ସୂଚନା ଅନୁଯାୟୀ, ଘଣ୍ଟା ପ୍ରତି ପ୍ରାୟ ୧୦୦ କିଲୋମିଟର ବେଗରେ ପବନ ବହିବା ଯୋଗୁଁ କ୍ଷୟକ୍ଷତି ପରିମାଣ ଅତ୍ୟଧିକ ହୋଇଚି । ଅନେକଗୁଡ଼ିଏ ରେଳ ଟ୍ରାକରେ ଗଛ ପଡ଼ିବା ଏବଂ ତାର ଛିଡ଼ି ପଡ଼ିବା ଯୋଗୁଁ ପାଟନା ରାଜଧାନୀ ଏକ୍ସପ୍ରେସ୍ ସମେତ ଅନେକ ଗୁଡ଼ିଏ ଟ୍ରେନ୍ ବିଭିନ୍ନ ଷ୍ଟେସନରେ ଅଟକି ରହିଛି। ବର୍ଷା ସହିତ କୁଆପଥର ମାଡ଼ ମଧ୍ୟ ବ୍ୟାପକ ଫସଲ କ୍ଷତି କରିଛି। ଅନେକ ଗୁଡ଼ିଏ ବାସଗୃହ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି । ଗଛ ତଳେ ଆଶ୍ରୟ ନେଇଥିବା ଅନେକ ଲୋକଙ୍କ ମୃତ୍ୟୁ ହୋଇଛି । ପ୍ରୟାଗରାଜ, ଭଦୋହୀ,

ମିର୍ଜାପୁର, ଫତେହପୁର ଏବଂ ବାରାଣସୀ ଅଞ୍ଚଳରେ ପ୍ରବଳ କ୍ଷତି ହୋଇଥିବା ସୂଚନା ମିଳିଛି ।

## ରାଜନାଥ ସିଂହ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଆନ୍ଧ୍ରପ୍ରଦେଶର ଶ୍ରୀ ସତ୍ୟ ସାଇ ଜିଲ୍ଲାର ପୁଟ୍ଟପର୍ଥିରେ ଅନେକ ମହାକାଶ ଏବଂ ପ୍ରତିରକ୍ଷା ପ୍ରକଳ୍ପର ଶିଳାନ୍ୟାସ କରିବେ। ପ୍ରତିରକ୍ଷା ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏରୋନଟିକାଲ୍ ଡେଭଲପମେଣ୍ଟ ଏଜେନ୍ସିର ଏକ ଏୟାରକ୍ରାଫ୍ଟ ଇଣ୍ଟିଗ୍ରେସନ୍ ଏବଂ ଫ୍ଲାଇଟ୍ ପରୀକ୍ଷଣ କେନ୍ଦ୍ରର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ବିମାନ ଇଣ୍ଟିଗ୍ରେସନ୍, ପରୀକ୍ଷଣ, ବୈଧତା ଏବଂ ପ୍ରମାଣପତ୍ର ପାଇଁ ଏହି କେନ୍ଦ୍ର ସହଯୋଗ ଯୋଗାଇ ଦେବ । ପ୍ରତିରକ୍ଷା ମନ୍ତ୍ରୀ ଅଣକାପାଲି ଜିଲ୍ଲାର ଟି. ସିରସାପାଲି ଗ୍ରାମରେ ଭାରତ ଡାଇନାମିକ୍ସ ଲିମିଟେଡର ଏକ ନୂତନ ଅତ୍ୟାଧୁନିକ ନୌସେନା ପ୍ରଣାଳୀର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ର ବାବୁ ନାଇଡୁ କାର୍ଯ୍ୟକ୍ରମରେ ଯୋଗଦେବେ।

## ଇସ୍ରାଏଲ୍-ଲେବାନନ

ଇସ୍ରାଏଲ୍ ଏବଂ ଲେବାନନ ମଧ୍ୟରେ ୱାଶିଂଟନ୍‌ରେ ତୃତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ଅନୁଷ୍ଠିତ ହୋଇଛି । ବୈଠକରେ ହେଜବୁଲ୍ଲାକୁ ଦମନ କରି ଦୁଇ ଦେଶ ମଧ୍ୟରେ ଶାନ୍ତି ସ୍ଥାପନ ଲାଗି ଆଲୋଚନା ହୋଇଛି । ଆଜି ମଧ୍ୟ କଥାବାର୍ତ୍ତା ଜାରି ରହିବ ବୋଲି ଜଣାପଡ଼ିଛି । ଉଭୟ ଇସ୍ରାଏଲ୍ ଏବଂ ଲେବାନନର ରାଷ୍ଟ୍ରଦୂତମାନେ ସେମାନଙ୍କ ପ୍ରତିନିଧି ଦଳର ନେତୃତ୍ୱ ନେଉଛନ୍ତି । ଗଣମାଧ୍ୟମ ସୂଚନା ଅନୁଯାୟୀ କୌଣସି ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିବା ପର୍ଯ୍ୟନ୍ତ ଇସ୍ରାଏଲ୍ ହେଜବୁଲ୍ଲା ଉପରେ ଆକ୍ରମଣ ଜାରି ରଖିବା ନିମନ୍ତେ ଦାବି କରିଥିବା ବେଳେ ଲେବାନନ ନିଜ ଅଞ୍ଚଳରେ ଇସ୍ରାଏଲ୍‌ର ଆକ୍ରମଣକୁ ବିରୋଧ କରିଛି ।

## ଗୋଲ୍ଡ-ଏମ୍‌ପୋଟ୍

କେନ୍ଦ୍ର ସରକାର ଆଡ୍‌ଭାନ୍ସ ଅଥରାଇଜେସନ୍ ଯୋଜନା ଅଧୀନରେ ସୁନା ଆମଦାନୀ ପରିମାଣ ୧୦୦ କିଲୋଗ୍ରାମ ମଧ୍ୟରେ ସୀମିତ ରଖିଛନ୍ତି । ଫଳରେ ଅଳଙ୍କାର ରପ୍ତାନିକାରୀମାନେ ବିନା ଶୁଳ୍କରେ ସୁନା ଆମଦାନୀ କରିପାରିବେ । ବୈଦେଶିକ ବାଣିଜ୍ୟ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ସୁନା ଆମଦାନୀ ପାଇଁ ଆଗୁଆ ଅନୁମତି ଜାରି କରାଯିବ ।

ପୂର୍ବରୁ ଏହି ଯୋଜନା ଅଧୀନରେ ସୁନା ଆମଦାନୀ ଉପରେ କୌଣସି ସୀମା ନଥିଲା ।

## ଆଇଏମ୍‌ଡି-ଓ୍ୱେଦର

ଭାରତୀୟ ପାଣିପାଗ ବିଭାଗ ଆଣ୍ଡାମାନ ନିକୋବର ଉପତ୍ୟକା, ଅରୁଣାଚଳ ପ୍ରଦେଶ, ଆସାମ, ମେଘାଳୟ, କେରଳ, ମାହେ ଏବଂ କର୍ଣ୍ଣାଟକର ଆଭ୍ୟନ୍ତରୀଣ ଅଞ୍ଚଳରେ ଅତି ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି । ପଶ୍ଚିମବଙ୍ଗ ସମେତ ୪ଟି ରାଜ୍ୟରେ ଝଡ଼ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଦିଲ୍ଲୀ ସମେତ ଦେଶର ୨୩ଟି ଅଞ୍ଚଳରେ ବର୍ଷା ଓ ବଜ୍ରପାତ ହେବା ବୋଲି ଆକଳନ କରାଯାଇଛି । ଓଡ଼ିଶାରେ ମଧ୍ୟ ଝଡ଼ବର୍ଷା ଓ ବଜ୍ରପାତ ସମ୍ଭାବନା ରହିଥିବା ପାଣିପାଗ ବିଭାଗ କହିଛି ।

## ଇଣ୍ଟର-ମିନିଷ୍ଟ୍ରିଆଲ୍-ବ୍ରିଫିଂ

ଦେଶରେ ପର୍ଯ୍ୟାପ୍ତ ପରିମାଣର ଅଶୋଧିତ ତୈଳ, ଏଲ୍.ପି.ଜି. ଏବଂ ପ୍ରାକୃତିକ ଗ୍ୟାସ୍ ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ ପ୍ରଭାବଶାଳୀ ଢଙ୍ଗରେ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସରକାର କହିଛନ୍ତି ।

ନୂଆଦିଲ୍ଲୀରେ ପଶ୍ଚିମ ଏସିଆ ସାମ୍ପ୍ରତିକ ପରିସ୍ଥିତି ନେଇ ଅନୁଷ୍ଠିତ ଆନ୍ତଃ ମନ୍ତ୍ରଣାଳୟ ବୈଠକ ପରେ ଗଣମାଧ୍ୟମକୁ ସମ୍ବୋଧନ କରି ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ଏହା କହିଛନ୍ତି । ଘରୋଇ ଏଲ୍.ପି.ଜି. ଯୋଗାଣ ନିରନ୍ତର ଜାରି ରହିଥିବା ସେ ସୂଚନା ଦେଇଛନ୍ତି । ଯୋଗାଣ ଶୃଙ୍ଖଳ ପ୍ରତିବନ୍ଧକକୁ ହ୍ରାସ କରିବା ଲକ୍ଷ୍ୟ ନେଇ ବାଣିଜ୍ୟିକ ଏଲ୍.ପି.ଜି. ଯୋଗାଣ ପ୍ରାୟ ୭୦ ପ୍ରତିଶତରେ ପହଞ୍ଚିଥିବା ସେ କହିଛନ୍ତି । ୭ ଲକ୍ଷ ୫୦ ହଜାର ନୂତନ ଗ୍ରାହକ ପି.ଏନ୍.ଜି. ସଂଯୋଗ ପାଇଁ ପଞ୍ଜିକରଣ କରିଛନ୍ତି । ଶ୍ରୀମତୀ ଶର୍ମା କହିଛନ୍ତି, ଗତ ପହିଲାରୁ ଏ ପର୍ଯ୍ୟନ୍ତ ପ୍ରାୟ ୮୩ ହଜାର ୫୦୦ ଟନ୍ ବାଣିଜ୍ୟିକ ଏଲ୍.ପି.ଜି. ବିକ୍ରି ହୋଇସାରିଛି ।

## ଆଇପିଏଲ୍

ଆଇପିଏଲ କ୍ରିକେଟରେ ଗତକାଲି ଧର୍ମଶାଳାର ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏସନ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୬ ୱିକେଟରେ ପଞ୍ଜାବ କିଙ୍ଗସକୁ ପରାସ୍ତ କରିଛି । ବିଜୟ ପାଇଁ ୨୦୧ ରନର ପିଛା କରି, ମୁମ୍ବାଇ ଇଣ୍ଡିଆନ୍ସ  ଗୋଟିଏ ବଲ୍ ବାକି ଥାଇ ଲକ୍ଷ୍ୟ ହାସଲ କରିଛି । ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗସ ନିର୍ଦ୍ଧାରିତ

୨୦ ଓଭରରେ ୮ ଓ୍ୱିକେଟ ହରାଇ ୨୦୦ ରନ କରିଥିଲା। ତିଲକ ବର୍ମାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ଆଜି ସନ୍ଧ୍ୟା ୭ଟା ୩୦ମିନିଟ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଓ ଚେନ୍ନାଇ ସୁପର କିଙ୍ଗସ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।